## ମିଲିପ୍ରିୟା ହତ୍ୟାକାଣ୍ଡ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ମୁଖ୍ୟ ଅଭିଯୁକ୍ତ

ବାଙ୍ଗୁରିଗାଁ,୧୯।୫(ସମିସ)



- ଆଗକୁ ବଢ଼ିବନି ତଦନ୍ତ ପ୍ରକ୍ରିୟା; ପଡ଼ିଲା ଯବନିକା
- ଛାରଖାର ହୋଇଗଲା ଦୁଇଟି ପରିବାର

କାକଟପୁର ଥାନା ଅନ୍ତର୍ଗତ ଶଙ୍କରେଶ୍ୱର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଯୁବତୀ ମିଲିପ୍ରିୟାଙ୍କ ବୀଭତ୍ସ ହତ୍ୟାକାଣ୍ଡ ଘଟଣାରେ ଏକ ବଡ଼ ମୋଡ଼ ଆସିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ମୃତିରଞ୍ଜନ ସ୍ୱାଇଁଙ୍କର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଗତ ୧୫ ତାରିଖ ଦିନ ଘଟିଥିବା ଏହି ସାଂଘାତିକ ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ପୁଲିସ ନିକଟରେ ନିଜର ଅପରାଧ ସ୍ୱୀକାର କରିଥିଲା। ମାତ୍ର ଅସୁସ୍ଥତା କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମଙ୍ଗଳବାର ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଅଭିଯୁକ୍ତର ମୃତ୍ୟୁ ପରେ ଏହି ସମ୍ବେଦନଶୀଳ ମାମଲାର ଆଗାମୀ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ନିମାପଡ଼ା ଆରକ୍ଷୀ ଉପଖଣ୍ଡ ନିରୀକ୍ଷକ (ଏସ୍‌ଡିପିଓ) ଜନାର୍ଦ୍ଦନ ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯେହେତୁ ମୁଖ୍ୟ ଅଭିଯୁକ୍ତର ମୃତ୍ୟୁ ଘଟିସାରିଛି, ତେଣୁ ନିୟମାନୁସାରେ ଏହି ମାମଲାର ତଦନ୍ତ ପ୍ରକ୍ରିୟା ଆଉ ଆଗକୁ ବଢ଼ିବ ନାହିଁ। ଏହା ସହିତ ତଦନ୍ତରେ ଯବନିକା ପଡ଼ିଛି। ଏନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ହତ୍ୟାକାଣ୍ଡ ଘଟଣା ଦୁଇଟି ପରିବାରକୁ ସମ୍ପୂର୍ଣ୍ଣ ଭାବେ ଛାର୍‌ଖାର୍ କରିଦେଇଛି। ଦୁଇ ଦୁଇଟି ନିରୀହ ଜୀବନର ଏଭଳି ଅକାଳ ବିୟୋଗକୁ ସ୍ଥାନୀୟ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅଭିଯୁକ୍ତର ମୃତ୍ୟୁ ପରେ ଘଟଣାର ଆଇନଗତ ଅନ୍ତ ଘଟିଥିଲେ ହେଁ, ସ୍ଥାନୀୟ ଅଞ୍ଚଳରେ ଏବେ ମଧ ଗଭୀର ଶୋକ ଓ ଚାପା ଉତ୍ତେଜନା ପ୍ରକାଶ ପାଉଛି।

ପ୍ରକାଶ ଯେ, ଅସ୍ତରଙ୍ଗ ଥାନା ବେଗୁନିଆବସ୍ତ ଗାଁର ସ୍ମୃତି ରଞ୍ଜନ ସ୍ୱାଇଁ ମାମୁ ଘରେ ରହି ମାମୁଙ୍କ କଲ୍ୟାଣ ମଣ୍ଡପ କାର୍ଯ୍ୟରେ ତାଙ୍କୁ ସହଯୋଗ କରିଆସୁଥିଲେ। ସେହି ଘରେ ମାମୁଙ୍କ ଶାଳୀ ବା ମାଇଁଙ୍କ ଭଉଣୀ ମିଲିପ୍ରୀୟା ବେହେରା ମଧ ରହୁଥିଲେ। ମାମୁ ଅଲେଖ ମଲ୍ଲିକ(ଅଲୁ)ଙ୍କ ସହିତ କୌଣସି କାରଣରୁ ମନାନ୍ତର ହେବାରୁ ସ୍ମୃତିରଞ୍ଜନଙ୍କୁ କାର୍ଯ୍ୟରୁ ନିବୃତ କରିବା ସହିତ ତାଙ୍କ ଘରକୁ ଆସିବାକୁ ବାରଣ କରିଥିଲେ। ତେବେ ଏହି ଘଟଣାକୁ ନେଇ ଭଣଜା ସ୍ମୃତିରଞ୍ଜନ ରାଗରେ ଥିବାବେଳେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ଜଣ ସହଯୋଗୀଙ୍କୁ ନେଇ ମାଇଁଙ୍କ ଭଉଣୀ ମିଲିପ୍ରୀୟା ଶୋଇଥିବା ଘରର କବାଟ ବାଡ଼େଇ ଭିତରେ ପଶିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସେ ଉତ୍‌କ୍ଷିପ୍ତ ହୋଇ ସାଙ୍ଗରେ ଆଣିଥିବା ଏକ ଫଳକଟା ଛୁରିରେ ମିଲିପ୍ରୀୟାଙ୍କୁ ବାରମ୍ବାର ଭୁସି ଚାଲିଥିଲେ। ଯାହାଫଳରେ ଘଟଣାସ୍ଥଳରେ ମିଲିଙ୍କର ମୃତ୍ୟୁ ହୋଇଥିଲା। ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ସ୍ମୃତିରଞ୍ଜନ ଆତ୍ମହତ୍ୟା ଉଦ୍ୟମ କରିବା ସହ ଜୀଟନାଶକ ପିଇଦେଇଥିଲେ। ସେଠାରୁ ଫେରାର୍ ହୋଇ ନ ପାରି ନିକଟସ୍ଥ ଏକ ପରିତ୍ୟକ୍ତ ବିଲରେ ପଡ଼ିଯାଇଥିଲେ। ଖବର ପାଇ କାକଟପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ମୃତିରଞ୍ଜନଙ୍କୁ ନିଶାସକ୍ତ ଅବସ୍ଥାରେ ଉଦ୍ଧାର କରିବା ସହ ଡାକ୍ତରଖାନାରେ ଭର୍ତ୍ତି କରଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସ୍ମୃତିରଞ୍ଜନଙ୍କର ମଙ୍ଗଳବାର ମୃତ୍ୟୁ ହୋଇଯାଇଛି।

## ଅଜଣା ଗାଡ଼ି ଧକ୍କାରେ ୩ ଗୁରୁତର

ଗୋପ,୧୯।୫(ସମିସ): ଗୋପ-ନିମାପଡ଼ା ରାସ୍ତାର ସେବା ନର୍ସିଂ ନିକଟରେ ଗୋଟିଏ ଅଜଣା ଗାଡ଼ି ଧକ୍କାରେ ମାଉସୀ, ଝିଅାରୀ ଗୁରୁତର ହୋଇଥିବାବେଳେ ସ୍ୱାମୀ ଆହତ ହୋଇଛନ୍ତି। କେନ୍ଦ୍ରାପଡ଼ା ଅଞ୍ଚଳର ସୁଶାନ୍ତଙ୍କ ପରିବାର ଭୁବନେଶ୍ୱରରେ ରହୁଥିବାବେଳେ ଅର୍ପିତାଙ୍କ ବାପା-ବୋଉ ଫରିଦାବାଦ୍‌ରେ ରୁହନ୍ତି। ଭୁବନେଶ୍ୱର ବୁଲିବାକୁ ଆସିଥିବାବେଳେ ମଙ୍ଗଳବାର ଝିଅାରୀ ଅର୍ପିତା ବେଉରା (୧୨)ଙ୍କର ଜନ୍ମଦିନ ଥିଲା। ଅର୍ପିତାଙ୍କ ମାଉସୀ ଇତିଶ୍ରୀ ଉପମିତା ରାଉତ (୩୫), ବାପା-ବୋଉ ମିଶି କୋଣାର୍କ ବୁଲିବା ପାଇଁ ଦୁଇଟି ମଟର ସାଇକଲ ଯୋଗେ ଆସିଥିଲେ। ଗୋଟିଏ ଗାଡ଼ିରେ ଅର୍ପିତା ମଉସା, ମାଉସୀ ଥିଲେ। ସେହି ଗାଡ଼ିଟିକୁ ଧକ୍କା ଦେଇଥିଲା ଏକ ଅଜଣା ଗାଡ଼ି। କୋଣାର୍କ ବୁଲିବା ପରେ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରି ଜନ୍ମଦିନ ପାଳନ କରି ଫେରିଥାନ୍ତେ। କୋଣାର୍କ ଯିବା ବାଟରେ ସେବା ନର୍ସିଂ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅଧିକ ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏକ ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଯାତ୍ରା ମାଲିକାଣୀଙ୍କ ନାଁରେ ଥାନାରେ ଅଭିଯୋଗ

ନିମାପଡ଼ା,୧୯।୫(ସମିସ): ନିମାପଡ଼ା ଥାନାରେ ଯାତ୍ରାପାର୍ଟି ମାଲିକାଣୀଙ୍କ ନାମରେ ଏକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଛି। ଏହି ଘଟଣା ବର୍ତ୍ତମାନ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଓଳିକୋଣା ଗ୍ରାମର ସୁଧାଂଶୁ ଦାସ ନିମାପଡ଼ା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ତାଙ୍କର ସାଥୀ କଳାକାରମାନେ ଯାତ୍ରା ନାଟ୍ୟମଣ୍ଡପ ପାର୍ଟିର ମାଲିକାଣୀ ତଥା ପୁଷ୍ପଲତା ପଣ୍ଡା (ରାଣୀ ପଣ୍ଡା) ଯାତ୍ରା ପାର୍ଟିରେ କଳାକାରମାନଙ୍କୁ ଡ୍ୟାନ୍ସ ଗ୍ରୁପ୍‌କୁ ନାଚ କରିବା ପାଇଁ ନେଇଥିଲେ। ୧୭ଟି ଷ୍ଟେଜ୍ ପ୍ରୋଗ୍ରାମ କରିଥିବାବେଳେ ରାଣୀ ପଣ୍ଡା ତାଙ୍କୁ ୬ଟି ପ୍ରୋଗ୍ରାମର ଟଙ୍କା ଦେଇ ଅବଶିଷ୍ଟ ୧୧ଟି ପ୍ରୋଗ୍ରାମର ଟଙ୍କା କିଛି ଦିନ ମଧ୍ୟରେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ ଟଙ୍କା ନ ପାଇବାରୁ ଗ୍ରୁପ୍‌ର ପରିଚାଳକ ସୁଧାଂଶୁ ଦାସ ନିମାପଡ଼ା ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଦୁଇ ମାସ ହେଲା ଭତ୍ତା ନ ମିଳିବାରୁ ଅସନ୍ତୋଷ



ବଲଙ୍ଗା,୧୯।୫(ସମିସ): ସମସ୍ତ ବର୍ଗର ହିତାଧିକାରୀମାନଙ୍କୁ ଜାତୀୟ ସାମାଜିକ ଭତ୍ତା ଏବଂ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଛି। ଉଭୟ ବର୍ଗର ହିତାଧିକାରୀମାନଙ୍କୁ ଭତ୍ତା ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିଲା। ଦୀର୍ଘ ବର୍ଷ ହେବ ଅନେକ ହିତାଧିକାରୀ ବିଭିନ୍ନ କାରଣରୁ ବ୍ୟାଙ୍କ ମାଧ୍ୟମରେ ଭତ୍ତା ନ ପାଇବାରୁ ଅଭିଯୋଗ ଓ ଅସନ୍ତୋଷ ଦେଖାଦେଇଥିଲା। ପ୍ରଶାସନସ୍ତରରେ ଏହି ତ୍ରୁଟି ସଂଶୋଧନ ନିମନ୍ତେ ପ୍ରୟାସ କରାଯାଇଥିଲେ ମଧ ତାହା ଶତପ୍ରତିଶତ ସଫଳ ହୋଇ ନ ଥିଲା। ରାଜ୍ୟ ସରକାର ସମସ୍ତ ମଧୁବାବୁ ପେନସନଧାରୀଙ୍କୁ ନିର୍ଦ୍ଧାରିତ ପ୍ରତି ମାସ ୧୫ ତାରିଖରେ ନଗଦ ଭତ୍ତା ପ୍ରଦାନ କରୁଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ଏପ୍ରିଲ, ମେ’ ମାସର ଭତ୍ତା ବ୍ୟାଙ୍କ ଆକାଉଣ୍ଟକୁ ଆସି ନ ଥିବା ଜଣାପଡ଼ିଛି। ଏହି ଭତ୍ତା ଅର୍ଥ ଅନେକ ଉପଭୋକ୍ତାଙ୍କର ଆର୍ଥିକ ମାନଦଣ୍ଡ ଅଟେ। ଯାହାକି ଔଷଧ କିଣିବା ସହିତ ଅତ୍ୟାବଶ୍ୟକୀୟ ଖର୍ଚ୍ଚ କରିଥାନ୍ତି। ହିତାଧିକାରୀମାନେ ବ୍ଲକ୍, ପଞ୍ଚାୟତ ଓ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲଣି। ଏବେ ପ୍ରବଳ ଖରା ହେଉଥିବାବେଳେ ବାରମ୍ବାର ବ୍ୟାଙ୍କ ଯାଇ ସେଠାରୁ ନିରାଶ ହୋଇ ଫେରିବା କେତେ କଷ୍ଟ ସେହି ବୃଦ୍ଧ, ବୃଦ୍ଧା, ଶାରୀରିକ ଅକ୍ଷମମାନେ ବହୁତ କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଟଙ୍କା ମିଳିବ ବୋଲି କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

## ମହିଳାଙ୍କ ଭିଡିଓ ଭାଇରାଲ କରି ଯୁବକ ଗିରଫ

ଚାରିଛକ,୧୯।୫(ସମିସ): ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ଦଳିତ ସାହିର ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଜଣେ ଯୁବକ ଜେଲ ଯାଇଛନ୍ତି। ସୂଚନା ମୁତାବକ, ଉକ୍ତ ଗ୍ରାମର ତ୍ରିଲୋଚନ ଭୋଇ ସେହି ଗ୍ରାମର ଜନୈକା ବିବାହିତା ମହିଳାଙ୍କ ଭିଡିଓ ଭାଇରାଲ କରିବା ପରେ ମହିଳା ଜଣକ ଚାରିଛକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗ୍ରହଣ କରି ପୁଲିସ ମହିଳାଙ୍କ ବୟାନ ରେକର୍ଡ କରିବା ସହ ଉକ୍ତ ଯୁବକ ନାମରେ ୧୦୨/୨୬ରେ ଏକ ମାମଲା ରୁଜୁ କରିବା ସହ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅଘୋଷିତ ବିଦ୍ୟୁତ୍‌କାଟ; ଅତିଷ୍ଠ ଅଞ୍ଚଳବାସୀ

ପୁରୀ,୧୯।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଭିତରେ ବାରମ୍ବାର ଓ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବଳିଆପଣ୍ଡା ସେକ୍ସନ ଅନ୍ତର୍ଗତ ମହାସୁଆର ସାହିବାସିନ୍ଦା। କିଛିଦିନ ଧରି ଦିନକୁ ଏକାଧିକଥର ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅନୁସାରେ, ବିଦ୍ୟୁତ୍ କାଟ୍ ନେଇ କୌଣସି ଆଗୁଆ ସୂଚନା ଦିଆଯାଉନାହିଁ। ବୁଧବାର ସକାଳ ୯ଟାରୁ ହଠାତ୍ ବିଦ୍ୟୁତ୍ କାଟ୍ ହୋଇଛି। ଯଦି ଆଗୁଆ ସୂଚନା ଥାଆନ୍ତା ତେବେ ସେମାନେ ସେହିଭଳି ପ୍ରସ୍ତୁତ ହୋଇଥାନ୍ତେ। ଆବଶ୍ୟକ ପାଣି ରଖିଥାନ୍ତେ। ପରଦିନ ରାତିରେ ହିଁ ୮ରୁ ୧୦ ଥର ବିଦ୍ୟୁତ୍ କାଟ୍ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଗରମ ଦିନରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ପିଲା, ବୟସ୍କ ଓ ରୋଗୀଙ୍କ ସମେତ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ପାଣି ସମସ୍ୟା ମଧ ବଢ଼ିଛି। ବଡ଼କଥା ହେଉଛି ଆଗକୁ ରଥଯାତ୍ରା ଥିବାରୁ ବିଦ୍ୟୁତ୍ ବିଭାଗ ବିଭିନ୍ନ ସ୍ଥାନରେ ମରାମତି ପାଇଁ ଲାଇନ୍ କାଟୁଛି ବୋଲି ସ୍ଥାନୀୟ ଲୋକେ ଜାଣିଛନ୍ତି। କିନ୍ତୁ ମରାମତି ପାଇଁ ଲାଇନ୍ କାଟିବା ପୂର୍ବରୁ ଉପଭୋକ୍ତାଙ୍କୁ ଆଗୁଆ ସୂଚନା ଦେବାର ନିୟମ ଥିବା ସତ୍ତ୍ୱେ ବିଭାଗ ତାହା ପାଳନ କରୁ ନ ଥିବା ମହାସୁଆର ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଛୋଟ ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ଘରୋଇ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ଆଗକୁ ରଥଯାତ୍ରା ଭଳି ବଡ଼ ପର୍ବ ଥିବାରୁ ଏଭଳି ଅଘୋଷିତ କାଟ୍ ଲୋକଙ୍କ ଅସୁବିଧା ବଢ଼ାଇବ ବୋଲି ସେମାନେ କହିଛନ୍ତି। ଅଞ୍ଚଳବାସୀ ଦାବି କରିଛନ୍ତି ଯେ, ବିଦ୍ୟୁତ୍ ବିଭାଗ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଲାଇନ୍ କାଟିବା ପୂର୍ବରୁ ଉପଭୋକ୍ତାଙ୍କୁ ଆଗୁଆ ସୂଚନା ଦେଉ। ଏଥିସହ ବାରମ୍ବାର ବିଦ୍ୟୁତ୍ କାଟ୍ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ଏହା କେବଳ ମହାସୁଆର ସାହି ସମସ୍ୟା ନୁହେଁ ଏଭଳି ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ସହରର ବିଭିନ୍ନ ଅଞ୍ଚଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବିଶ୍ୱ ଶ୍ରମିକ ଦିବସ ସଂକ୍ରାନ୍ତରେ ବିଶେଷ ଆଲୋଚନାଚକ୍ର

କଣାସ,୧୯।୫(ସମିସ): କଣାସ ବ୍ଲକ୍ ଗଡ଼ସାହି ଗ୍ରାମ ପଞ୍ଚାୟତର ଜଙ୍କିଆ ମେଳଣ ପଡ଼ିଆରେ ମଙ୍ଗଳବାର ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ଏବଂ ଓଡ଼ିଶା କନ୍‌ଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ ମିଳିତ ସହଯୋଗରେ ବିଶ୍ୱ ଶ୍ରମିକ ଦିବସ ମେ’ ୧ ତାରିଖ ସଂକ୍ରାନ୍ତରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ତମାମ ୮ ଘଣ୍ଟିଆ କର୍ମ ଦିବସ ଲାଗୁ କରିବା ପାଇଁ ଚିକାଗୋ ସହରରେ ହୋଇଥିବା ଐତିହାସିକ ଆନ୍ଦୋଳନର ସ୍ମୃତିଚାରଣ କରିଥିଲେ। କଳକାରଖାନା, ଗୃହ ନିର୍ମାଣ ଆରମ୍ଭ କରି କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଆଇନକାନୁନ୍ ଏବଂ ସମାଧାନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ୨୯ଟି ଲେବର ଆଇନକୁ ବାତିଲ୍ କରି ଚାରୋଟି ଶ୍ରମ କୋଡ୍ ଲାଗୁ କରି କେନ୍ଦ୍ର ସରକାରଙ୍କ କର୍ପୋରେଟର ସପକ୍ଷବାଦୀ କାର୍ଯ୍ୟକଳାପ ଯୋଗୁଁ ଭାରତ ତମାମ ଶ୍ରମିକମାନେ ନାହିଁ ନ ଥିବା ସମସ୍ୟାରେ ଜଡ଼ିତ ହେଉଛନ୍ତି। ବକ୍ତାମାନେ ଏହି ଚାରି ଶ୍ରମ କୋଡ୍ ବାତିଲ୍ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। କଣାସର ଜୀବନରେଖା ଦୟା ନଦୀର ଜଳ ପ୍ରଦୂଷଣ ଯୋଗୁଁ ଦୂଷିତ ଜଳ ପିଇ ମୃତ ବ୍ୟକ୍ତିମାନଙ୍କ ପରିବାରକୁ କ୍ଷତିପୂରଣ ସହ ଟାଟାପାୱାରର ସ୍ମାର୍ଟ ମିଟର ବ୍ୟବସ୍ଥା ଉଚ୍ଛେଦ ତଥା ଚାଷୀଙ୍କୁ ତୁରନ୍ତ ବକେୟା କ୍ଷତିପୂରଣ ସହ ପର୍ଯ୍ୟାପ୍ତ ଧାନ ମଣ୍ଡି ସ୍ଥାପନ ପାଇଁ ଦାବି କରିଥିଲେ। ସିପିଆଇଏମ୍ ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ପୁରୀ ବାର୍ ଆସୋସିଏସନର ସମ୍ପାଦକ ଶରତ ରାଏଗୁରୁ, ବରିଷ୍ଠ ଶ୍ରମିକ ନେତା ପ୍ରଫେସର ସୁରେନ୍ଦ୍ର ଜେନା, କୃଷକ ନେତା ଧନେଶ୍ୱର ସ୍ୱାଇଁ, ଶ୍ରମିକ ନେତା ସ୍ମୃତିରଞ୍ଜନ ଦାସ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲ। ପ୍ରଭାକର ମଙ୍ଗରାଜ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ।

## ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ

ନୟାହାଟ,୧୯।୫(ସମିସ): ଦୁଇଟି ଯାତ୍ରାପାର୍ଟିରେ ଜୁଆ ଖେଳ ହେଉଥିବା ଖବର ପାଇ ଗୋପ ଆଇଆଇସି ଦୁର୍ଗାଚରଣ ମହାପାତ୍ର ଅଚାନକ ଚଢ଼ଉ କରିଥିଲେ। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଜହ୍ନିମାଳିଆ ଛକଠାରେ ଦୁଇଟି ଯାତ୍ରାପାର୍ଟି ଯାତ୍ରା କରୁଥିବାବେଳେ ସେଠାରେ ଦୀର୍ଘଦିନ ହେଲା ଜୁଆ ଖେଳ ହେବା ସମ୍ପର୍କରେ ଗୋପ ଥାନା ଆଇଆଇସି ଶ୍ରୀ ମହାପାତ୍ର କୌଣସି ସୂତ୍ରରୁ ଖବର ପାଇ ଅଚାନକ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଜୁଆ ଖେଳାଳିମାନେ ଛତ୍ରଭଙ୍ଗ ଦେଇଥିଲେ। ଏ ସମ୍ପର୍କରେ ଗୋପ ଆଇଆଇସିଙ୍କୁ ପଚାରିବାରେ, ଶ୍ରୀ ମହାପାତ୍ର କହିଥିଲେ ଯେ ଜୁଆ ଖେଳ ହେଲେ ଚୋରି, ରାହାଜାନୀ ଓ ଅପରାଧ ବଢ଼ିବ। ତେଣୁ ଜୁଆ ଖେଳକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ଗୋପ ଥାନା ଆଇଆଇସି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।



ଆଗେଇ ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ କାମ। ରଥ ଖଳାରେ ଦଣ୍ଡା ପାଇଁ ପଡ଼ିଲା କାଠ। (ଫଟୋ: ଅନିଲ)

## ଭାର୍ଗବୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଲଙ୍ଗା,୧୯।୫(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀରେ ଜଣେ ଯୁବକ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ବଲଙ୍ଗା ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ବଲଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚି ନିମାପଡ଼ା ଅଗ୍ନିଶମ ବିଭାଗର ସହାୟତାରେ ଯୁବକଙ୍କୁ ଉଦ୍ଧାର କରିଛନ୍ତି। ଯୁବକ ଜଣଙ୍କର ନାକ ଓ ମୁହଁରୁ ରକ୍ତ ବାହାରୁଥିବା ଆଲୋଚନା ହେଉଥିବା ବେଳେ ଏହା ହତ୍ୟା କି ଆତ୍ମହତ୍ୟା ସନ୍ଦେହ ଘେରରେ ଅଞ୍ଚଳବାସୀ। ଏପଟେ ଘଟଣାସ୍ଥଳରେ ବଲଙ୍ଗା ପୁଲିସ ଛାନ୍‌ଭିନ୍ କରୁଛି। ମୃତକ ଜଣକ ପିପିଲି ବ୍ଲକ୍ ଚୋରପଡ଼ା ଗାଁର ଭବନା ବେହେରାଙ୍କ ପୁଅ ଲୋକନାଥ ବେହେରା ବୋଲି ଜଣାପଡ଼ିଛି। ପରିବାର ଲୋକେ ଆସି ଘଟଣାସ୍ଥଳରେ ପହଞ୍ଚି ପୁଲିସ ସହିତ ଆଲୋଚନା କରୁଛନ୍ତି। ପରିବାର ଲୋକଙ୍କ କହିବା



ଅନୁସାରେ, ସୋମବାର ରାତି ୧୦ଟାରୁ ସେ ଘରୁ ଆସିଥିବାବେଳେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରୁଥିବାବେଳେ ମଙ୍ଗଳବାର ମୃତଶରୀର ଭାର୍ଗବୀ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ବଲଙ୍ଗା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ନୟାହାଟ,୧୯।୫(ସମିସ): ନୟାହାଟ ଫାଣ୍ଡିର ପୂର୍ବତନ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନଙ୍କ ମାଆ ସୀତା ପ୍ରଧାନ(୯୦)ଙ୍କ ବିୟୋଗରେ ପାଟସୁନ୍ଦରପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ।

## ଓଥକା ପଞ୍ଚାୟତରେ ସରକାରୀ ପୋଖରୀ ଓ ଜଳାଶୟ ଜବରଦଖଲ

# ୨୨ରୁ ତହସିଲ୍ ଅଫିସ୍ ସମ୍ମୁଖରେ ଗ୍ରାମବାସୀଙ୍କ ଗଣଧାରଣା

କାକଟପୁର,୧୯।୫(ସମିସ)



କାକଟପୁର ତହସିଲ୍ ଅନ୍ତର୍ଗତ ଓଥକା ଗ୍ରାମପଞ୍ଚାୟତର ଅନନ୍ତପୁର ମୌଜାରେ ଥିବା ସରକାରୀ ସମ୍ପତ୍ତିର ସୁରକ୍ଷାକୁ ନେଇ ପ୍ରଶାସନର ଚରମ ଅବହେଳା ପ୍ରକାଶ ପାଇଛି। ଗ୍ରାମର ଖାତା ନଂ ୧୦୪, ପ୍ଲଟ୍ ନଂ ୧୭୨, ୧୭୩ ଏବଂ ୧୭୬ରେ ଥିବା ପ୍ରାୟ ୧ ଏକର ୮୬ ଡେସିମିଲ୍ ସରକାରୀ ପଞ୍ଚାୟତ ପୋଖରୀ ଓ ଜଳାଶୟ କିସମର ଜମିକୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏହି ବେଆଇନ ଜବରଦଖଲ ସମ୍ପର୍କରେ ଗ୍ରାମବାସୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ପ୍ରକୋଷ୍ଠରେ ଏକ ଗୁହାରି ପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୭.୨.୨୦୨୬ ରିଖରେ ସ୍ଥାନୀୟ ରାଜସ୍ୱ ପ୍ରଶାସନ (ଆର୍‌ଆଇ) ଘଟଣାସ୍ଥଳକୁ ଯାଇ ଜମିର ସୀମାନିର୍ଦ୍ଧାରଣ କରିବା ସହ ଜବରଦଖଲକୁ ଚିହ୍ନଟ କରିଥିଲେ। ଜମି ଚିହ୍ନଟ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଏପରିକି ଏ ସମ୍ପର୍କରେ ତହସିଲ୍‌ଦାର ଓ ଅତିରିକ୍ତ ତହସିଲ୍‌ଦାରଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ହୋଇ ବସିଯାଇଛି। ପ୍ରଶାସନର ଏଭଳି ଟାଳଟୁଳ ନୀତି ଯୋଗୁଁ ସରକାରୀ ସମ୍ପତ୍ତି ନଷ୍ଟ ହେବା ସହ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ତହସିଲ୍ ପ୍ରଶାସନର ଏହି ନିଷ୍କ୍ରିୟତା ପ୍ରତିବାଦରେ ଆସନ୍ତା ୨୨ ତାରିଖଠାରୁ ଅନନ୍ତପୁର ଗ୍ରାମର ଶତାଧିକ ଗ୍ରାମବାସୀ କାକଟପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦେବାକୁ ବାଧ୍ୟ ହେବେ। ଜଳାଶୟଟି ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀମାନେ ସର୍ବଶ୍ରୀ ନରେନ୍ଦ୍ର କୁମାର ପାଇଟାଳ, ଲିଙ୍ଗରାଜ ପାଇଟାଳ, ପୂର୍ଣ୍ଣଚନ୍ଦ୍ର କାଣ୍ଡି, ସୁପନ ଦାସ, ଧନେଶ୍ୱର କାଣ୍ଡି ପ୍ରମୁଖ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଆଜି ଦେଶବ୍ୟାପୀ ଔଷଧ ବ୍ୟବସାୟ ବନ୍ଦ

# ଆନ୍ଦୋଳନରେ ସାମିଲ୍ ହେବ ନୟାଗଡ଼ ସଂଘ

ନୟାଗଡ଼,୧୯।୫(ସମିସ)



ଆସନ୍ତା ୨୦ ତାରିଖରେ ଦେଶବ୍ୟାପୀ ଔଷଧ ବ୍ୟବସାୟ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି। ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ୍ ଓ ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟ ଓ ଡ୍ରଗିଷ୍ଟର ଆହ୍ୱାନ କ୍ରମେ ନୟାଗଡ଼ ଜିଲା ଔଷଧ ବ୍ୟବସାୟୀ ସଂଘ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛି। ସଂଘ ପକ୍ଷରୁ କୁହାଯାଇଛି, ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଙ୍ଘ ସାରା ଦେଶରେ ୧୨ ଲକ୍ଷ ୪୦ ହଜାରରୁ ଅଧିକ କେମିଷ୍ଟ ଏବଂ ବିତରକଙ୍କୁ ପ୍ରତିନିଧି କରୁଛି। ୫ କୋଟିରୁ ଅଧିକ ପରିବାର ଔଷଧ ବ୍ୟବସାୟ ଜରିଆରେ ପରିବାର ପ୍ରତିପୋଷଣ କରୁଛନ୍ତି। ଔଷଧ ବ୍ୟବସାୟ ଏବଂ ଜନସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ତାହା ସମାଧାନ ହୋଇପାରୁନାହିଁ। ବଡ଼ କର୍ପୋରେଟ୍‌ଗୁଡ଼ିକ ଦ୍?ାରା ଅତ୍ୟଧିକ ରିହାତି ମୂଲ୍ୟ ନିର୍ଦ୍ଧାରଣ, ଅବୈଧ ଇ- ଫାର୍ମାସୀର ସଂଖ୍ୟା ଅନିୟନ୍ତ୍ରିତ ବୃଦ୍ଧି ଔଷଧ ବଣ୍ଟନ ବ୍ୟବସ୍ଥାକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ଏହା କେବଳ କ୍ଷୁଦ୍ର ଏବଂ ମଧ୍ୟମ ଔଷଧ ଅସ୍ତିତ୍ୱକୁ ବିପଦରେ ପକାଇ ନାହିଁ ବରଂ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି। ବୈଧ ପ୍ରେସକ୍ରିପସନ ବିନା ଔଷଧ ବିକ୍ରୟ, ପ୍ରେସକ୍ରିପସନର ବାରମ୍ବାର ଅପବ୍ୟବହାର, ଆଣ୍ଟିବାୟୋଟିକ୍ ଏବଂ ଅଭ୍ୟାସ ସୃଷ୍ଟିକାରୀ ଔଷଧର ସହଜ ଉପଲବ୍ଧତା, ନକଲି କିମ୍ବା ଯାଞ୍ଚ କରାଯାଇପାରୁନଥିବା ପ୍ରେସକ୍ରିପସନର ପ୍ରସାରଣ, ଫାର୍ମାସିଷ୍ଟ ଏବଂ ରୋଗୀଙ୍କ ମଧ୍ୟରେ ସିଧାସଳଖ ପାରସ୍ପରିକ କ୍ରିୟାର ଅଭାବ, ନକଲି ଏବଂ ଅନୁପଯୁକ୍ତ ଭାବରେ ସଂରକ୍ଷଣ କରାଯାଇଥିବା ଔଷଧ ଆଦି ସାଧାରଣ ଲୋକଙ୍କ ଉପରେ ବିପଦ ସୃଷ୍ଟି କରୁଛି। ଏହି ସବୁ ବିଷୟରେ ସରକାର ଜାଣି ମଧ୍ୟ ନିରବତା ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୦ ତାରିଖରେ ନୟାଗଡ଼ ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟ ବନ୍ଦ ରଖି ପାଇଁ ନୟାଗଡ଼ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘର ଜିଲା ସଭାପତି ପ୍ରହ୍ଲାଦ ସାହୁ ଓ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ନୟାଗଡ଼ ଜିଲାପାଳ ମଧୁମିତା ରଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ଭେଷଜ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଲକ୍ଷ ଲକ୍ଷ ଔଷଧ ବ୍ୟବସାୟୀଙ୍କ ଜୀବିକାର ସୁରକ୍ଷା ପାଇଁ ସଂଘ ପକ୍ଷରୁ ପ୍ରଶାସନ ଓ ଜନସାଧାରଣଙ୍କୁ ଅବଗତ କରାଯାଇଛି।

## ଘର ଉପରେ ପଡ଼ିଲା ଓସ୍ତ ଡାଳ



କଣ୍ଟିଲୋ,୧୯।୫(ସମିସ): ଆଜି ଅପରାହ୍ନରେ କଣ୍ଟିଲୋ ଓ ଆଖ ପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଅନୁଭୂତ ହୋଇଥିଲା। ପବନରେ କଣ୍ଟିଲୋ ହାଟମୁଣ୍ଡ ପାଟଣା ଚାପ ପୋଖରୀ ଉତ୍ତର ପାର୍ଶ୍ୱ ଜନବସତି ମଧ୍ୟରେ ଥିବା ଅଶ୍ୱତ୍ଥ ଗଛରୁ ବୃହତ୍‌କାୟ ଡାଳ ଘର ଉପରେ ମାଡ଼ି ବସିଥିଲା। ଏଥିରେ କପିଳେଶ୍ୱର ଓ ସନ୍ତୋଷ ସାହୁଙ୍କ ଗୃହ କ୍ଷତିଗ୍ରସ୍ତ ହୋଇଛି। ଉଭୟଙ୍କ ପରିବାର ଲୋକେ ଗୃହରେ ବିଶ୍ରାମ ନେଉଥିବା ସମୟରେ ହଠାତ ଡାଳଟି ଖସି ପଡ଼ିଥିଲା। ଅଘଟଣ ଘଟିନଥିବା ଜଣାପଡିଛି। ଜନବସତି ସ୍ଥାନରୁ ଉକ୍ତ ଆଶ୍ୱସ୍ତ ଗଛ କଟାଯିବା ପାଇଁ ସ୍ଥାନୀୟ ଗ୍ରାମବାସୀ ବନବିଭାଗକୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଘଟଣ ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଗ୍ରାମ ମଧ୍ୟରୁ ଉକ୍ତ ଆଶ୍ୱସ୍ତ ଗଛ କଟାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଗାଁ ମୁହାଁ ହାତୀପଲ; ଗ୍ରାମବାସୀ ରାତିସାରା ଅନିଦ୍ରା

ନୂଆଗାଁ,୧୯।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଞ୍ଚାୟତ କାଳିଆମ୍ବ ଅଞ୍ଚଳରେ ଜଙ୍ଗଲୀ ହାତିଙ୍କ ଉପଦ୍ରବ ରାତିସାରା ଗ୍ରାମବାସୀ ଅନିଦ୍ରା ଓ ଗୁମୀ ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରୁଛନ୍ତି ହାତୀପଲ। ଆଜିକୁ ୫ ଦିନ ହେବ ଏକ ଆଠଟିକିଆ ହାତିପଲ ବାହାଡ଼ାଝୋଲା ଫରେଷ୍ଟ ବିଟ ଅଧୀନ ଲୁହାର ଖଣି କାଳିଆମ୍ବ ଅଞ୍ଚଳରେ ହାତିପଲ ଆମ୍ବ ପଣସ ଖାଇବା ଆସାରେ ଘୁରି ବୁଲୁଛନ୍ତି ଫଳରେ କାଜୁ ଜଙ୍ଗଲରେ ଥିବା କୁଡିଆ ଘର ଭାଙ୍ଗିବା ସହିତ ଗୁମୀ ଓ ବାହାଡ଼ା ଝୋଲା ପୂର୍ତ୍ତ ବିଭାଗ ରାସ୍ତା ଉପରେ ରହୁଥିବାରୁ ସଂନ୍ଧ୍ୟା ହେଲେ ଗତାଗତ ଏକ ପ୍ରକାର ବନ୍ଦ ରହୁଛି। ବାହାଡ଼ାଝୋଲା ବନବିଭାଗ ପକ୍ଷରୁ ହାତୀ ଗତିବିଧି ଲକ୍ଷ୍ୟ କରିବା ସହିତ ଲୋକଙ୍କୁ ସଚେତନ କରୁଥିବା ବାହାଡ଼ାଝୋଲା ଫରେଷ୍ଟର ସୁଚନା ଦେଇଛନ୍ତି। ଏପଟେ ଗ୍ରାମବାସୀ ଓ ନିକଟରେ ଥିବା ଦୁଇଟି ଫାର୍ମ ହାଉସ୍ ମାଲିକ ରାତି ଅନିଦ୍ରା ହୋଇ ହାତୀ ଭୟରେ ରହୁଥିବା କହିଛନ୍ତି।

## ମାଟ୍ରିକ୍ ଟପ୍ପର ସରୋଜଙ୍କୁ ସମ୍ବର୍ଦ୍ଧନା




ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଅନ୍ତର୍ଗତ କ୍ରିଦାଶପୁର ଗ୍ରାମ ପଞ୍ଚାୟତର ଆଞ୍ଚଳିକ ହାଇସ୍କୁଲର ଛାତ୍ର ସରୋଜ କୁମାର ଜେନା ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୭୨ ନମ୍ବର ରଖି ନୟାଗଡ଼ ଜିଲ୍ଲା ଟପ୍ପର ହେବା ସହ ଅଞ୍ଚଳ ପାଇଁ ଗର୍ବ ଆଉ ଗୌରବ ଆଣିଛନ୍ତି। ମଙ୍ଗଳବାର ନୟାଗଡ଼ ଜିଲ୍ଲା ମଡର୍ଣ୍ଣ ଏବିସି ପବ୍ଲିସର ଜିଲ୍ଲା ମାର୍କେଟିଂ ମ୍ୟାନେଜର ଗଗନ ବିହାରୀ ରାଉତ ସରୋଜଙ୍କୁ ସ୍କୁଲରେ ଭେଟି ଉତ୍ସାହିତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସ୍କୁଲର ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ପତି ଉପସ୍ଥିତ ଥିଲେ। ସରୋଜଙ୍କ ବାପାଙ୍କର ମୃତ୍ୟୁ ହେଇଥିବାବେଳେ ଯଦି ସରୋଜଙ୍କୁ ପ୍ରଶାସନ ଦ୍ୱାରା ସାହାଯ୍ୟ ମିଳନ୍ତା, ସେ ଆହୁରି ସୁନାମ ଆଣିପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

● କାରିଗର ସପ୍ତାହ କାର୍ଯ୍ୟକ୍ରମ

## କଳାକୃତୀ ପ୍ରଦର୍ଶନ କଲେ କଣ୍ଟିଲୋ କଂସା ପିତ୍ତଳ ଶିଳ୍ପୀ ପବିତ୍ର

କଣ୍ଟିଲୋ,୧୯।୫(ସମିସ): କ୍ରାଫ୍ଟ କାଉନ୍‌ସିଲ୍ ଅଫ୍ ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ କାରିଗର ସପ୍ତାହ ପାଳନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରଦର୍ଶନୀରେ କଣ୍ଟିଲୋ ମାଧବଚୌଧୁରୀ ପାଟଣାର ବିଶିଷ୍ଟ କଂସା ପିତ୍ତଳ ଶିଳ୍ପୀ ପବିତ୍ର ମହାରଣା ନିଜର କଳା ନୈପୂଣ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଖାରବେଳ ନଗରଠାରେ ଗତ ଏକ ମାସ ଧରି ବିଭିନ୍ନ କଳାକୃତି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ରାଷ୍ଟ୍ରୀୟ ପୁରସ୍କାର ସମ୍ମାନ ପାଇଥିବା ରାଜ୍ୟର ବଛାବଛା ୫ଜଣ କଳାକାର ନିଜ କଳାକୃତୀ ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ପବିତ୍ର ମହାରଣା ଗତ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ନିଜ କଂସା



ପିତ୍ତଳ ଖୋଦେଇର ବିଭିନ୍ନ ପଟ୍ଟଚିତ୍ର ପ୍ରଦର୍ଶନ କରି ପ୍ରଶଂସାଭାଜନ ହୋଇଛନ୍ତି। ପବିତ୍ର ଜଣେ ଉଚ୍ଚକୋଟୀର କଂସା ପିତ୍ତଳ ଶିଳ୍ପୀ ଭାବେ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ହାତେଇଛନ୍ତି। ବିଲୁପ୍ତପ୍ରାୟ କଣ୍ଟିଲୋର କଂସା ପିତ୍ତଳ ଶିଳ୍ପର ପରିଚୟକୁ ଉଜ୍ଜୀବିତ ରଖିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ନିମ୍ନମାନର; ତେଜୁଛି ଅସନ୍ତୋଷ

ଖଣ୍ଡପଡ଼ା,୧୯।୫(ସମିସ)



ଦୀର୍ଘ ୯ ମାସ ତଳେ ରାସ୍ତା ଉନ୍ନତିକରଣ ନିମନ୍ତେ ବହୁ ଆଡମ୍ବରରେ ଶିଳାନ୍ୟାସ ହୋଇଥିଲେ ମଧ କାମ ଆରମ୍ଭ ହେଉନଥିଲା। କାମ ଆରମ୍ଭ ପରେ ଏବେ ଜନ ଅସନ୍ତୋଷ ତୀବ୍ର ହୋଇଛି। ଫଳରେ ଲକ୍ଷାଧିକ ଟଙ୍କାର ରାସ୍ତା କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବନମାଳିପୁର ଠାରୁ ଜଗନ୍ନାଥପ୍ରସାଦ ପ୍ରାୟ ୮ କିମିରୁ ଉର୍ଦ୍ଧ୍ୱ ରାସ୍ତା ନିମନ୍ତେ ପ୍ରାୟ ୫ କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର ସହିତ ଟେଣ୍ଡର ସରିଥିଲା। ଗତବର୍ଷ ଜୁଲାଇ ୯ ତାରିଖରେ ସ୍ଥାନୀୟ ବିଧାୟକ, କଟକ ସାଂସଦଙ୍କ ଉପସ୍ଥିତିରେ ଶିଳାନ୍ୟାସ କାର୍ୟ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଜନ ଦ୍ୱାରା ଉକ୍ତ ପ୍ରକଳ୍ପର କାର୍ଯ୍ୟ ଶେଷ ହେବା ନେଇ ଆଶା ସଂଚାର ହୋଇଥିଲା। ଶିଳାନ୍ୟାସର ୯ ମାସ ବିତିଥିବା ବେଳେ ପ୍ରକଳ୍ପ ନିମନ୍ତେ ମାଟି ମୁଠାଏ ନ ପଡିବା ନେଇ ଅଞ୍ଚଳ ବାସିନ୍ଦା ଅଭିଯୋଗ କରିଥିଲେ। ତେବେ କିଛିଦିନ ହେବ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ନିମ୍ନମାନର କାମ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବନମାଳିପୁର ଗ୍ରାମ ଉପକଣ୍ଠରୁ ଆରମ୍ଭ ହୋଇଥିବା ଡ୍ରେନ ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ଏଷ୍ଟିମେଟ ଅନୁଯାୟୀ ୧୨ ଏମଏମ ରଡ

### ବିନା କନିଷ୍ଠ ଯନ୍ତ୍ରୀରେ ଚାଲିଛି ରାସ୍ତା କାମ

ଜାଗାରେ ୮ ଏମଏମ ରଡ ଦିଆଯାଉଥିବା ବେଳେ ସିମେଣ୍ଟ କଥା ନ କହିବା ଭଲ। ସେହିଭଳି ଡ୍ରେନ ନିମନ୍ତେ ଏଷ୍ଟିମେଟରେ ଗୋଡି ଥିବାବେଳେ ମେଣ୍ଟାଲ ଦେଇ ଢଳେଇ ପଡୁଥିବା ଦେଖିବାକୁ ମିଳିଛି। ଫଳରେ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକାରେ ଚାଲିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାମ ଆରମ୍ଭ ହେବା ଦିନଠାରୁ କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାୟକ ଦିନେ ହେଲେ ଆସିନଥିବା ବେଳେ ନିମ୍ନମାନର କାମକୁ ଅଘୋଷିତ ମଞ୍ଜୁରୀ ମିଳିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସସ୍ମିତା ମୁଣ୍ଡରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ପ୍ରକଳ୍ପ ଦାୟିତ୍ୱରେ ଥିବା ତଥା ନିକଟରେ ଅବସର ନେବାକୁ ଥିବା କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାୟକ ମଧ୍ୟ ଗତକାଲି ଭିଜିଲାନ୍ସ ରେଡ ପରଠାରୁ ଅଫିସ ଆସିନଥିବା କର୍ମଚାରୀଙ୍କ ସୂତ୍ରରୁ ଜଣାପଡିଛି। ଫଳରେ ଖଣ୍ଡପଡ଼ା ଅଞ୍ଚଳରେ ଚାଲିଥିବା ପ୍ରକଳ୍ପ କାମ ଏବେ ଭଗବାନଙ୍କ ଭରସାରେ ବୋଲି ମତପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଯୁବକର ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା

## ଘଟଣାସ୍ଥଳରେ ବମ୍ ସ୍କ୍ୱାଡ୍‌ର ତନାଘନା

ଗଣିଆ,୧୯।୫(ସମିସ)

ଗଣିଆ ଥାନା ବାଲିସାହି ଏରୁଣ୍ଡିପଥର ରାସ୍ତାରେ ଗତ ୧୧ ତାରିଖ ଅପରାହ୍ନରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଯୁବକ ଜଣକ ଢୋଲମରା ପଞ୍ଚାୟତ କନ୍ଧମିରିଗି ଗ୍ରାମର ସଞ୍ଜୟ ପ୍ରଧାନ ବୋଲି ଜଣାପଡ଼ିଥିଲା। ଘଟଣା ଘଟିବାର ୮ ଦିନ ବିତିଯାଇଥିଲେ ମଧ ଏ ସମ୍ପର୍କରେ କୌଣସି ସୁରାକ ମିଳିପାରିନାହିଁ। ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟା ତାହା ଏବେ ବି ରହସ୍ୟ ଘେରରେ ରହିଛି। ମୃତ ସଞ୍ଜୟର ମୋବାଇଲ ଫୋନଟିକୁ ଖୋଜୁଛି



ପୁଲିସ। ମଙ୍ଗଳବାର ଘଟଣାସ୍ଥଳରେ ନୟାଗଡ ବମ୍ ସ୍କ୍ୱାର୍ଡର ଏକ ୩ ଜଣିଆ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତଦେହ ମିଳିଥିବା ସ୍ଥାନକୁ ବମ୍ ସ୍କ୍ୱାର୍ଡ ମେସିନ୍ ସାହାଯ୍ୟରେ ତନ୍ନତନ୍ନ କରି ଖୋଜୁଥିବା ଦେଖିବାକୁ ମିଳିଛି। ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଖୋଜାଖୋଜି କରିଥିଲେ ମଧ କିଛି ବି ସୁରାକ ପାଇନଥିଲେ। ସଞ୍ଜୟଙ୍କ ମୃତ୍ୟୁ ଦିନକୁ ଦିନ ରହସ୍ୟ ଘେରକୁ ଚାଲି ଯାଉଥିବା ବେଳେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ଫୋରେନସିକ ଟିମ୍ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ ଟଙ୍କଧର ଛତ୍ରିୟା ପ୍ରକାଶ କରିଛନ୍ତି।

## ଓଡ଼ଗାଁ ଅଜିତ ହତ୍ୟାକାଣ୍ଡରେ ଆଉ ୨ ଅଭିଯୁକ୍ତ ଗିରଫ

ଓଡ଼ଗାଁ,୧୯ ।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପୋଲିସ ବହୁଚର୍ଚ୍ଚିତ ଅଜିତ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଆଉ ଦୁଇଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ସେମାନଙ୍କୁ ପୁଲିସ ହେପାଜତକୁ ଆଣି ପଚରାଉଚରା କରାଯାଇଥିବା ବେଳେ, ଘଟଣା ସମ୍ପର୍କିତ ଅଧିକ ପ୍ରମାଣ ସଂଗ୍ରହ କାମ ଜାରି ରହିଛି। ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା ରୋହିବାଙ୍କ ଗ୍ରାମର ଜଗନ୍ନାଥ ପଣ୍ଡା (୨୬) ଏବଂ କୋମଣ୍ଡ ମକରପଦାର କୁଲୁ ଓରଫ ରବୀନ୍ଦ୍ର ଭଟ୍ଟ (୩୫)।

ଉଲ୍ଲେଖଯୋଗ୍ୟ ଯେ, ଏହି ହତ୍ୟାକାଣ୍ଡ ସମ୍ପର୍କରେ ଓଡ଼ଗାଁ ଥାନାରେ ରୁଜୁ ହୋଇଥିବା ମାମଲା ନମ୍ବର ୧୨୩/୨୦୨୬ ଅନୁସାରେ, ଗତ ୧୩ ତାରିଖରେ ପୋଲିସ ଚାରିଜଣ ଅଭିଯୁକ୍ତ ରୋହିବାଙ୍କ ଧୋବାସାହିର ମହନ୍ତ ନାୟକ, ବାରିସାହିର ମାନସ ବେହେରା, ଖଣ୍ଡପଡ଼ା ଚଉପଲୀର କାର ଚାଳକ ନରେଶ ବିଶୋଇ ଏବଂ ଓଡ଼ଗାଁର ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ମୋଟ ୬ ଜଣ ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଛନ୍ତି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ ଗାଡ଼ି ଏବଂ ତଲୱାର ମଧ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ପ୍ରକାଶ ଥାଉକି, ଗତ ୧୧ ତାରିଖ ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ଅଜିତ ଓ ତାଙ୍କ ସହଯୋଗୀ ସନ୍ତୋଷ ପ୍ରଧାନ ବେଆଇନ ମାଙ୍କଡ଼ା ପଥର ଚୋରା ଚାଲାଣ କରୁଥିବା ଏକ ୪୦୭ ମିନି ଟ୍ରକକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଗାଡ଼ି ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ କାରରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଜିତ, ସନ୍ତୋଷ ଓ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ଏକ ବୋଲେରୋରେ ଅନ୍ୟ ଅଭିଯୁକ୍ତ ମାନେ ସେଠାକୁ ଆସିଥିଲେ। ପରେ ଯୁକ୍ତିତର୍କ ତୀବ୍ର ରୂପ ନେଇଥିଲା। ଅଭିଯୁକ୍ତ ମହନ୍ତ ନାୟକ ଅଜିତକୁ ଧରି ରଖିଥିବା ବେଳେ ମାନସ ବେହେରା ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ଅଜିତଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ତଦନ୍ତ ଏବଂ ଅଭିଯୁକ୍ତଙ୍କ ବୟାନ ଅନୁସାରେ, ବେଆଇନ ପଥର ଚାଲାଣକାରୀଙ୍କ ଉପରେ ଅଜିତ ଚାପ ସୃଷ୍ଟି କରିବା ସହ ଟଙ୍କା ଦାବି କରୁଥିବାରୁ ସେମାନେ ଅତିଷ୍ଠ ହୋଇପଡ଼ିଥିଲେ। ଘଟଣାଦିନ ସୁଯୋଗ ପାଇ ସେମାନେ ପ୍ରତିଶୋଧମୂଳକ ଭାବେ ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ସୂଚନା ଦେଇଛି।

## ଗୋପୁତ୍ର ପରିବାର ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର



ଗଣିଆ,୧୯।୫(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଗୋରୁ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗୋ ମାଫିଆମାନେ ସକ୍ରିୟ ହୋଇ ଏହି ଗୋଚାଲାଣ କରୁଥିବା ଅଭିଯୋଗ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଗୋ ରକ୍ଷକ ମାନେ ଏହାର ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ଜିଲ୍ଲା ଗଣିଆରେ ଗୋ ଚାଲାଣ ବଢୁଥିବାରୁ ଏହାର ପ୍ରତିକାର ପାଇଁ ଗୋପୁତ୍ର ପରିବାର ତରଫରୁ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିୟାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗଣିଆରେ ଗୋଚାଲାଣ କିଭଳି ରୋକାଯାଇ ପାରିବ ସେଥିପାଇଁ ଥାନା ଅଧିକାରୀଙ୍କ ସହିତ ସେମାନେ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। ଏପରିକି ଅତିରିକ୍ତ ତହସିଲଦାରଙ୍କୁ ଭେଟି ଗଣିଆରେ ଏକ ଗୋଶାଳା ନିର୍ମାଣ କରିବାକୁ ଜାଗା ପ୍ରଦାନ କରିବାକୁ ଦାବି କରିଛନ୍ତି। ଅନେକ ସମୟରେ ଗଣିଆରେ ରାସ୍ତାରେ ଗୋରୁ ଗାଇ ଗୁଡିକେ ବୁଲୁଥିବା ତଥା ଜବତ ହେଉଥିବା ଗୋରୁଗୁଡ଼ିକୁ ଅନ୍ୟତ୍ର ଗୋଶାଳାକୁ ପଠାଯାଉଥିବାରୁ ଗଣିଆରେ ଏକ ଗୋଶାଳା ନିର୍ମାଣ କରିବାକୁ ସେମାନେ ଅତିରିକ୍ତ ତହସିଲଦାରଙ୍କ ସହିତ ଆଲୋଚନା କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଗୋପୁତ୍ର ପରିବାରର ସୌମ୍ୟରଞ୍ଜନ ସାହୁ, ଶୁଭାଶିଷ ମିଶ୍ର, ଅଖିଳ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

କାଳବୈଶାଖୀ ପବନରେ ଭାଙ୍ଗିଲା ଗଛ

## ୫ ଘଣ୍ଟା ଅନ୍ଧାରରେ ଓଡ଼ଗାଁ-ଶରଣକୁଳ ଅଞ୍ଚଳ

ଓଡ଼ଗାଁ,ଶରଣକୁଳ,୧୯।୫(ସମିସ):

ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଓ ଶରଣକୁଳ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଏବେ ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। କେବେ କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ତ ଆଉ କେବେ କୌଣସି ଆକସ୍ମିକ କାରଣ ବିନା ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଉଥିବାରୁ ଉପଭୋକ୍ତାଙ୍କ ଅସନ୍ତୋଷ ବଢ଼ିଚାଲିଛି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୫ଟା ପରେ କାଳବୈଶାଖୀ ବର୍ଷା ଓ ଜୋର ପବନର ପ୍ରଭାବରେ ମଗର ବନ୍ଧ ଓ ଶରଣକୁଳ ଅଞ୍ଚଳରେ ବଡ଼ ବଡ଼ ଗଛ ଭାଙ୍ଗି ୩୩ କେଭି ବିଦ୍ୟୁତ୍ ଲାଇନ ଉପରେ ପଡ଼ିଥିଲା। ଫଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ଖବର ଲେଖାଯିବା ପର୍ଯ୍ୟନ୍ତ ଓଡ଼ଗାଁ ଓ ଶରଣକୁଳ ଅଞ୍ଚଳ ଦୀର୍ଘ ୫ ଘଣ୍ଟାରୁ ଅଧିକ ସମୟ ଧରି ଅନ୍ଧାରରେ ରହିଥିଲା। ଅନ୍ୟପଟେ କେତେକ କର୍ମଚାରୀ ନିଜ ଦାବି ନେଇ ଆନ୍ଦୋଳନରେ ସାମିଲ ହୋଇଥିବାରୁ ମରାମତି କାର୍ଯ୍ୟ ବିଳମ୍ବ ହେବାର ସମ୍ଭାବନା ମଧ୍ୟ ଦେଖାଦେଇଛି। ଅଗ୍ନିଶମ ବାହିନୀ ପହଞ୍ଚି ଭଙ୍ଗା ବୃକ୍ଷ ଗୁଡ଼ିକୁ କାଟି ସଫାକରୁଥିବା ବେଳେ କମ୍ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ମରାମତି କାମ ଚାଲିଥିବା ବେଳେ ବିଦ୍ୟୁତ୍ ସଂଯୋଗ କେବେ ସ୍ୱାଭାବିକ ହେବ ସେନେଇ ଅନିଶ୍ଚିତତା ରହିଛି। ଏହା ପୂର୍ବରୁ ମଧ୍ୟ ଗତ ଶନିବାର କୌଣସି ବର୍ଷା, ପବନ କିମ୍ବା ଆକସ୍ମିକ ଘଟଣା ନଥିଲେ ସୁଦ୍ଧା ପ୍ରାୟ ୭ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ ବିଭ୍ରାଟ ଘଟିଥିଲା। ଏପରି ଘଟଣା ପୁନରାବୃତ୍ତି ହେଉଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ପରିବେଶ ମଧ୍ୟରେ ଫ୍ୟାନ, ଆଲୋକ ଓ ପାନୀୟ ଜଳ ସହିତ ଜଡିତ ବିଭିନ୍ନ ଆବଶ୍ୟକ ସେବା ବାଧାପ୍ରାପ୍ତ ହେଉଛି। ଦୀର୍ଘ ସମୟ ବିଦ୍ୟୁତ୍ ନଥିବାରୁ ଇନଭର୍ଟରର ଚାର୍ଜ ମଧ୍ୟ ଶେଷ ହୋଇଯାଉଥିବାରୁ ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ନେଇ ପ୍ରଶାସନ କିମ୍ବା ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଦେଖାଯାଇନାହିଁ। କେତେକ ସଚେତନ ଉପଭୋକ୍ତା ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ପରବର୍ତ୍ତୀ ସମୟରେ ସମସ୍ୟାକୁ ଭୁଲିଯାଉଥିବା ଚର୍ଚ୍ଚା ହେଉଛି। ଓଡ଼ଗାଁରେ ବିଦ୍ୟୁତ୍ ବିଭ୍ରାଟର ସ୍ଥାୟୀ ସମାଧାନ ପାଇଁ ସ୍ୱତନ୍ତ୍ର ଗ୍ରୀଡ୍ ପ୍ରତିଷ୍ଠା ଦାବିରେ ଅଞ୍ଚଳବାସୀ କେବେ ଏକତ୍ରିତ ହେବେ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ନଚେତ୍ ଏଭଳି ଦୀର୍ଘକାଳୀନ ବିଦ୍ୟୁତ୍ ବିଭ୍ରାଟ ଓଡ଼ଗାଁବାସୀଙ୍କ ଚିରସହଚର ହୋଇ ରହିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



